ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ଅକ୍ଟୋବର, ୨୦୨୩



**ସାପ କାମୁଡ଼ାରେ ଜଣେ ମୃତ**

ବଇଣ୍ଡା, (ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ବଣିନାଳୀ ନିକଟରେରେ ଥିବା ଏକ କ୍ୟାମ୍ପରେ ବୁଧବାର ରାତିରେ ଶୋଇଥିବା ବେଳେ ଏକ ସାପ କାମୁଡାରେ ପିତାଳିଗୁରୁଡ଼ା ଗ୍ରାମର ଗୁରୁ ବିଶ୍ୱାଳଙ୍କ ମୃତ୍ୟୁ ହୋଇଛି । ସେ ବୁଧବାର ଉକ୍ତ କ୍ୟାମ୍ପରେ ଶୋଇଥିବା ସମୟରେ ଏକ ସାପ ତାଙ୍କ ହାତକୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ

ବଇଣ୍ଡା,୫ା୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ସଞ୍ଜାମୁରା ଗ୍ରାମରେ ଲକ୍ଷ୍ମୀପୂଜା ପାଳନ ହେବ। ଏ ନେଇ ଗ୍ରାମବାସୀ ଓ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗୁରୁବାର ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଇଛି। ଗ୍ରାମ ନିକଟରୁ ମା'ଙ୍କ ପାଇଁ ମାଟି ସଂଗ୍ରହ କରାଯାଇଛି। ପୂଜକ ସୁଶୀଲ କୁମାର ପଣ୍ଡା ରୀତିନୀତି ଅନୁସାରେ ପୂଜା କରିବା ପରେ କମିଟିର ସମସ୍ତ କର୍ମକର୍ତ୍ତା ମାଟି ସଂଗ୍ରହ କରିଥିଲେ। ଏଥିରେ ଗ୍ରାମର ବିଜୟ କୁମାର ସାହୁ, ବୀରେନ କୁମାର ସାହୁ, ଅଶୋକ କୁମାର ସାହୁ, ଭଗବାନ ନାୟକ, ନରେନ୍ଦ୍ର କୁମାର ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



# ଜିଲା କାର୍ଯ୍ୟାଳୟ ଘେରିବେ ୧୨୮ ଗ୍ରାମବାସୀ



ବନ୍ତଳା ଡାକବଙ୍ଗଳା ଠାରେ ସାମାଜିକ ସୁରକ୍ଷାମଞ୍ଚର ସାଧାରଣ ସଭାରେ ଉପସ୍ଥିତ ଗ୍ରାମ ସଭାପତି, ବୁଦ୍ଧିଜୀବୀ ଓ ଜନପ୍ରତିନିଧି।

ଅନୁଗୋଳ, ୫ା୧୦ (ଅମିତ କୁମାର ସାମଲ)

■ହାତୀ ହଟାଇବାକୁ ମେଳି ବାନ୍ଧିଲେ
■ପ୍ରଶାସନର ନିଷ୍କ୍ରିୟତା ବିରୋଧରେ ରଣହୁଙ୍କାର

ଅନୁଗୋଳ ଜିଲା ବନ୍ତଳା ଡାକବଙ୍ଗଳା ଠାରେ ସାମାଜିକ ସୁରକ୍ଷାମଞ୍ଚର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୨୮ଟି ଗ୍ରାମର ସଭାପତିଙ୍କ ସମେତ ବୁଦ୍ଧିଜୀବୀ, ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ଜିଲାପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ। ବନ୍ତଳା ଅଞ୍ଚଳରେ ହାତୀ ଉପଦ୍ରବ ପାଇଁ ଜୀବନ ଜୀବିକା ଅଚଳ ହୋଇପଡ଼ିବା ସହ ସନ୍ଧ୍ୟା ହେଲେ ଦୋକାନ ବଜାର ବନ୍ଦ ହୋଇଯାଉଛି। ଏଭଳି କି ଲୋକମାନେ ତାଟିକବାଟ ମଧ୍ୟ କିଳି ଦେଉଛନ୍ତି। ହାତୀ ଆକ୍ରମଣରେ ଉକ୍ତ ଅଞ୍ଚଳରେ ୨୫ରୁ ଅଧିକ ଜୀବନ ଯାଇଥିବାବେଳେ ଏକାଧିକ ଲୋକ ଅକର୍ମଣ୍ୟ ମଧ୍ୟ ହୋଇଛନ୍ତି। ଭୟଭୀତ ଥିବା ଲୋକମାନେ ହାତୀ ଘଉଡ଼ାଇ ଲୋକଙ୍କ ବଞ୍ଚିବାକୁ ଦିଆଯିବାକୁ ପ୍ରଶାସନ ନିକଟରେ ଗୁହାରି କରିଆସୁଛନ୍ତି। କିନ୍ତୁ ପ୍ରଶାସନ ହେୟ ମନୋଭାବ ହୋଇ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ତେଣୁ ସାମାଜିକ ସୁରକ୍ଷା ମଞ୍ଚ ପକ୍ଷରୁ ସଭା କରାଯାଇ ଏ ନେଇ ସ୍ଥାୟୀ ପ୍ରତିକାର ଦାବିରେ ରଣହୁଙ୍କାର ଦିଆଯାଇଛି। ଆସନ୍ତା ୧୨ ତାରିଖରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳବାସୀ ଧାରଣାରେ ବସିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏହି ସଭାରେ ସଭାପତି ତପନ କୁମାର ଦେହୁରୀ, ସଂଯୋଜକ ଲକ୍ଷ୍ମଣ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଉପସଭାପତି ବନ୍ଧୁ ନାଏକ, ଧ୍ରୁବ ଚରଣ ଦେହୁରୀ, ହରେକୃଷ୍ଣ ପ୍ରଧାନ, ସଞ୍ଜୟ ସାହୁ, ବସନ୍ତ ଗଡ଼ନାୟକ, ହାଡ଼ିବନ୍ଧୁ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଲଗାଣ ବର୍ଷାରେ ଘର ଭାଙ୍ଗିଲା

ବଇଣ୍ଡା,୫ା୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ଧଉରାଗୋଠ ଗ୍ରାମରେ ଲଗାଣ ବର୍ଷାରେ ନାରାୟଣ ସାହୁଙ୍କ ଟାଇଲି ଛପର ଘର କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଯୋଗୁ ତାଙ୍କ ଘରର କାନ୍ଥ ଖସି ପଡିଛି। ସୌଭାଗ୍ୟବଶତଃ ଏଥିରେ ପରିବାର ଲୋକଙ୍କ କୌଣସି କ୍ଷୟକ୍ଷତି ହୋଇନାହିଁ। ଏ ନେଇ ସେ ଗୁରୁବାର ହଣ୍ଡପା ରାଜସ୍ୱ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଛନ୍ତି। ତୁରନ୍ତ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି ।



# ସର୍ବ କନିଷ୍ଠ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ବାଜି ରାଉତଙ୍କ ଜନ୍ମଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୫ା୧୦(ରତନ ନାୟାର)

ଢେଙ୍କାନାଳ ମାଟିର ଗର୍ବ ଓ ଗୌରବ ତଥା ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ୯୮ତମ ଜନ୍ମତିଥି ଅବସରରେ 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ଗୁରୁବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ପରାମର୍ଶ କ୍ରମେ ରୁଦ୍ରାନ୍ତ ଦଳେଇଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ବାଜିଚୌକସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ସଦାଶିବ ମହାପାତ୍ର, ସୁଧାଂଶୁ ରାଉତ, ପ୍ରତାପ ଦାସ, ଲିୟାକତ ଅଲ୍ଲୀ, ଅମୀୟ ଚାନ୍ଦ, ଅକ୍ଷୟ ସାହୁ, ଦୁଷ୍ମନ୍ତ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ଶେଖର ସେଠୀ, ଅମରେଶ ଜେନା, ସୁଶାନ୍ତ ମିଶ୍ର, କାହ୍ନୁ ଦଳେଇ, ରାଜେନ୍ଦ୍ର ଦାସ, ଆନନ୍ଦିତ ମିଶ୍ର, ସ୍ନିଗ୍ଧା ସ୍ୱାଇଁ, ସୁମିତ୍ରା ସ୍ୱାଇଁ, ଆଇନଜୀବୀ କିଷାନ ବିଶ୍ୱାଳ, ଆଲିମ୍ ଖାଁ, ସୁରେନ୍ଦ୍ର ମିଶ୍ର, ଅରୁଣ ସାହୁ, ପ୍ରଭାକର ରାଉତ, ସନ୍ତୋଷ ଦଳେଇ, ଚିତ୍ତରଞ୍ଜନ ସାହୁ, ନଜ୍ଜୁ ମହମଦ, ଏକତାର ମହମ୍ମଦ, ରାଜୁନ୍ ଖାଁ, ଆନନ୍ଦ ସେଠୀ, ରଞ୍ଜନ ବେହେରା, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ରଶ୍ମି ନାରାୟଣ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ୧୧ ତାରିଖ ଦିନ ଶହୀଦ ବାଜି ରାଉତଙ୍କ ୮୬ତମ ପୁଣ୍ୟତିଥିକୁ ଭୁବନ ନୀଳକଣ୍ଠପୁର ଗ୍ରାମ ଠାରେ ମହାସମାରୋହରେ ପାଳନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଗାନ୍ଧୀ, ଶାସ୍ତ୍ରୀଙ୍କ କୃତିତ୍ୱ ଉପରେ ଆଲୋଚନା

ଢେଙ୍କାନାଳ,୫ା୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ଉତ୍କଳ ସମ୍ମିଳନୀର ଶାଖା କାର୍ଯ୍ୟାଳୟଠାରେ କେନ୍ଦ୍ରୀୟ କମିଟି ସଭାପତି ବସନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ଅମିୟ କୁମାର ରଥ, ଡ. ପ୍ରମୋଦ କୁମାର ନାୟକ, ଅଧିବକ୍ତା ବିକାଶ ତ୍ରିପାଠୀ, ଲକ୍ଷ୍ମୀଧର ସାହୁ, ଦେବୀ ଭୂତିଆ, ଅଧିବକ୍ତା ହରିହର ପଣ୍ଡା, ଦଣ୍ଡପାଣି ଦାଶ, ବିନୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତି ରହି ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ, କୃତିତ୍ୱ ଉପରେ ଆଲୋଚନା କରିଥିଲେ। ଉତ୍କଳ ସମ୍ମିଳନୀ ଢେଙ୍କାନାଳ ଶାଖା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।



ଉତ୍କଳ ସମ୍ମିଳନୀ ପକ୍ଷରୁ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଉଛି।

# ଦୁର୍ଘଟଣାରେ ଛାତ୍ରୀ ଗୁରୁତର, ଉତ୍ତେଜନା

ଛେଣ୍ଡିପଦା,୫ା୧୦ (ଅଜିତ ଧଳ)

ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ନିଶା ଶିଳ୍ପାଞ୍ଚଳ ଥାନା ପରଙ୍ଗ ଗ୍ରାମର ଉଚ୍ଚବିଦ୍ୟାଳୟ ସମ୍ମୁଖରେ ଗୁରୁବାର ଏକ ମୋଟରସାଇକେଲ ଧକ୍କାରେ ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୋଟରସାଇକେଲରେ ଥିବା ୩ ଜଣ ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ପ୍ରକାଶ ଯେ, ପରଙ୍ଗ ଗ୍ରାମ ମାହାରସାହିର ହରିଆ ନାୟକଙ୍କ ଝିଅ ଲକି ନାୟକ (୧୫) ପରଙ୍ଗ ଉଚ୍ଚବିଦ୍ୟାଳୟକୁ ସାଇକେଲରେ ଯାଉଥିଲେ। ଏହି ସମୟରେ ବିପରିତ ଦିଗରୁ ମୋଟରସାଇକେଲରେ ଆସୁଥିବା ମୋଟରସାଇକେଲ ଦେବଗଡ ଜିଲା କୁଣ୍ଢେଇଗୋଳା ଥାନା ଉରୁଣିଆ ଗ୍ରାମର ଆଶିଷ ପ୍ରଧାନ ତାଙ୍କୁ ଧକ୍କା ଦେଇଥିଲେ। ମୋଟରସାଇକେଲ ଚାଳକ ଓ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଜନସାଧାରଣ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଛାତ୍ରୀଙ୍କ କାନ୍ଧ ହାଡ଼ ଭାଙ୍ଗିଯାଇଥିବା ବେଳେ ଆଣ୍ଠୁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବି କରି ଦୁଇଘଣ୍ଟା ରାଜପଥ ଅବରୋଧ କରାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।



ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଛନ୍ତି।

# ସପ୍ତଶଯ୍ୟାକୁ ପଲିଥିନ ମୁକ୍ତ ଉପରେ ଗୁରୁତ୍ୱ

ଢେଙ୍କାନାଳ,୫ା୧୦(ରତନ ନାୟାର)

ଢେଙ୍କାନାଳ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସବୁଜିମାମୟ ସପ୍ତଶଯ୍ୟା ପୀଠରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସପ୍ତଶଯ୍ୟାକୁ ପଲିଥିନ ମୁକ୍ତ କରିବା ଓ ଆବର୍ଜନା ସଫା କରି ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦିଶ ରାୟ, ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ଓ ପର୍ଯ୍ୟଟନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।



ସପ୍ତଶଯ୍ୟାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଉଛି।

# ଦୁର୍ନୀତି ବିରୋଧୀ ଲଢ଼େଇରେ ସାମିଲ ଆହ୍ୱାନ

**ଏଏପି ପକ୍ଷରୁ ଶହୀଦ ବାଜି ରାଉତଙ୍କ ଜନ୍ମ ବାର୍ଷିକୀ**

ଢେଙ୍କାନାଳ,୫ା୧୦(ରତନ ନାୟାର)

ଆମ୍ ଆଦମୀ ପାର୍ଟି (ଏଏପି) ପକ୍ଷରୁ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ବାର୍ଷିକୀ ଏବଂ କ୍ରାନ୍ତିକାରୀ ପ୍ରଶାନ୍ତ ମିଶ୍ରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ପାଳନ କରାଯାଇଛି। ଏଏପି ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ସକାଳେ ବାଜିଚୌକସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଚାଲିଥିବା ଲଢ଼େଇରେ ସାମିଲ ହେବାପାଇଁ ଆହ୍ୱାନ ଦେଇଥିଲେ। ପରେ ସ୍ଥାନୀୟ ଟାଉନହଲଠାରେ ବାଜି ରାଉତଙ୍କ ଜୀବନୀ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଅପରାହ୍ନ ୧ଟା ବେଳେ ଏକ ପ୍ରେସ୍ ବିବୃତିରେ କେନ୍ଦ୍ର ଭାଜପା ସରକାର ଏଏପି ବିରୋଧରେ ଚକ୍ରାନ୍ତ କରି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କୁ ଗିରଫ କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଡାକ୍ତର ପ୍ରମୋଦ ନାୟକ ଯୋଗଦେଇ ଶହୀଦ ବାଜି ରାଉତ ଏବଂ କ୍ରାନ୍ତିକାରୀ ନେତା ପ୍ରଶାନ୍ତ ମିଶ୍ରଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା, ବିଭୁରଞ୍ଜନ ସାହୁ ଓ ବିକ୍ରମ ରାଉତ, ଜିଲା ଯୁଗ୍ମ ସମ୍ପାଦକ ବିଧୁରଞ୍ଜନ ନାୟକ, ଶଙ୍କର୍ଷଣ ଦଳାଇ ଓ ଚିନ୍ମୟ ସେନାପତି, ଜିଲା ମିଡିଆ ପ୍ରଭାରୀ ସୁମନ୍ତ ଗୋଚ୍ଛାୟତ, ପୌରାଞ୍ଚଳ ଅଧ୍ୟକ୍ଷ ପୀତାମ୍ବର ସାମନ୍ତରାୟ, ଜିତେନ୍ଦ୍ର ବେହେରା, ସୁବ୍ରତ ମହାକୁଡ଼, ବାବୁଲି ମଲିକ, ଗଁଦିଆ ବ୍ଲକ ସଭାପତି ଶେଷଦେବ ବେହେରା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଜିଲା ସଭାପତି ପଙ୍କଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଏଏପି ପକ୍ଷରୁ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଞ୍ଜୟ ସିଂଙ୍କ ଗିରଫର ପ୍ରତିବାଦ କରାଯାଉଛି।

# 'ପରିବର୍ତ୍ତନର ବାର୍ତ୍ତାବହ ହୁଅ'

**ଗ୍ରେସ୍ ଇନ୍ ସ୍କୁଲ ପ୍ରକଳ୍ପ ଶୁଭାରମ୍ଭ**

ଅନୁଗୋଳ,୫ା୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ଇକୋ କ୍ଲବକୁ ସୁଦୃଢ କରିବା ପାଇଁ ଅନୁଗୋଳ ଜିଲା ପ୍ରଶାସନ, ଜେଏସ୍‌ପି ଫାଉଣ୍ଡେଶନ ଓ ନିକନ ସୋସିଆଲ ଫାଉଣ୍ଡେଶନ ମିଳିତ ସହଯୋଗରେ ଗ୍ରେସ୍ ଇନ୍ ସ୍କୁଲ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ଜିଲାର ବିଦ୍ୟାଳୟଗୁଡିକରେ ସବୁଜ ପାଠ୍ୟକ୍ରମ କାର୍ଯ୍ୟକାରୀ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ପରିଚାଳନା ନେଇ ସଚେତନତା ସୃଷ୍ଟି କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ।

ଅନୁଗୋଳ ଜିଲାର ୧୪ଶହ ବିଦ୍ୟାଳୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୫୦ଟି ସ୍କୁଲରେ ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ପରିବେଶ, ସର୍କୁଲାର ଇକୋନୋମି, ଜଳ, ପରିମଳ, ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ବିଷୟବସ୍ତୁ ଉପରେ ଏହି ପ୍ରକଳ୍ପ ଆଧାରିତ। ବିଦ୍ୟାଳୟଗୁଡିକରେ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସର୍ବୋତ୍ତମ ଅଭ୍ୟାସଗୁଡିକୁ ଆନୁଷ୍ଠାନିକ ରୂପ ଦେବା ପାଇଁ ଅତିରିକ୍ତ ଜିଲାପାଳ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସ୍‌ପିଏଲର ସି.ଏସ୍.ଆର୍ ଅଧିକାରୀ ପ୍ରଶାନ୍ତ କୁମାର ହୋତା ଯୋଗଦେଇ ଅନୁଗୋଳର ଯୁବ ଛାତ୍ରୀଛାତ୍ରମାନଙ୍କୁ ପରିବର୍ତ୍ତନର ବାର୍ତ୍ତାବହ ହେବାକୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିଟକନର ପରିଚାଳନା ନିର୍ଦ୍ଦେଶକ ସତବିନ୍ଦର ସିଂହ ଓ ୟୁଏନଇପି ଶିକ୍ଷା ପରାମର୍ଶଦାତା ଗାୟତ୍ରୀ ରାଘବ, ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟିର ବରିଷ୍ଠ ସଦସ୍ୟ ସପ୍ନା ଷଡ଼ଙ୍ଗୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପ୍ରମୁଖ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

# ଆର୍ଥିକ ପରିଚାଳନା ଉପରେ ଆଲୋକପାତ

ଅନୁଗୋଳ,୫ା୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଉପବିଭାଗ ଆନୁକୂଲ୍ୟରେ 'ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର' ଅନୁଗୋଳ ବ୍ଲକ ସଭାଘର ଠାରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ କୁମାର ବେହେରା ସଭାପତିତ୍ୱ କରିଥିଲେ। ଜନସାଧାରଣଙ୍କ ଆର୍ଥିକ ସାକ୍ଷରତା ଓ ସଞ୍ଚୟ ମନୋବୃତ୍ତି କିପରି ବୃଦ୍ଧି ପାଇବ ତାହା ଏହି ଶିବିରର ମୂଳ ଲକ୍ଷ୍ୟ। ଏହି ଶିବିରରେ ଜିଲା ଟ୍ରେଜେରୀ ଅଫିସର ଜୟନ୍ତୀ ବିଶ୍ୱାଳ ଯୋଗଦେଇ ଅବସରକାଳୀନ ଆର୍ଥିକ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଡାକ ବିଭାଗ ଅଧିକାରୀ ଶିବ ପ୍ରସାଦ ବେହେରା, ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଜଗନ୍ନାଥ ସେନାପତି, ୟୁକୋ ବ୍ୟାଙ୍କର ସିନିୟର ମ୍ୟାନେଜର ତଥା ସହକାରୀ ଏମଡିଏମ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାରେ କିପରି ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସହାୟକ କେନ୍ଦ୍ର ଖୋଲିପାରିବ ଓ ଜନସାଧାରଣ ସାଇବରଜନିତ ଠକାମିରୁ ନିବୃତ୍ତ ରହିପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।



ଅନୁଗୋଳ ସଭାଘରଠାରେ ଅନୁଷ୍ଠିତ ଶିବିରରେ ଅଧିକାରୀମାନେ।

### ଆକର୍ଷଣୀୟ ହେବ ଧନଦାତ୍ରୀଙ୍କ ପୂଜା

ଆଠମଲ୍ଲିକ, ୫ା୧୦ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଚାରିଘରିଆ ସାହି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଆସନ୍ତା ଲକ୍ଷ୍ମୀ ପୂଜାକୁ ଆକର୍ଷଣୀୟ ଭାବେ ପାଳନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ କମିଟି କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ନେଇ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତି ଆଡ଼ମ୍ବରରେ ପୂଜା କରାଯିବା ଓ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଲକ୍ଷ୍ମୀ ପୂଜା କମିଟି ସଭାପତି ଗୋପାଳକୃଷ୍ଣ ବାଘ, ସମ୍ପାଦକ ଗୁପ୍ତେଶ୍ୱର ଘିୱାଲା କୋଷାଧ୍ୟକ୍ଷ ଗୋପରଞ୍ଜନ ଭୁକ୍ତା, ବରିଷ୍ଠ ସଭ୍ୟ ବିଶ୍ୱ ବିଜୟୀ ଷଡ଼ଙ୍ଗୀ, ମନରଞ୍ଜନ ମିଶ୍ର, ରାଜେଶ କୁମାର ମିଶ୍ର, ସୁବ୍ରତ ଶତପଥୀଙ୍କ ସମେତ ସମସ୍ତ ସଭ୍ୟ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ସନରାଇଜ୍ କ୍ଲବ କଟକ ବିଜୟୀ

**ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ**

ଢେଙ୍କାନାଳ,୫ା୧୦(ରତନ ନାୟାର)

ଢେଙ୍କାନାଳ ଷ୍ଟାଡିୟମଠାରେ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଜିଲା ପ୍ରଶାସନ ଓ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆମନ୍ତ୍ରଣ କପ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚରେ ସନରାଇଜ୍ କ୍ଲବ କଟକ ବିଜୟୀ ହୋଇଛି। ସନରାଇଜ୍ କ୍ଲବ ୬-୧ ଗୋଲରେ ଉତ୍ତରପ୍ରଦେଶ ଏମ୍‌ଫ୍‌ସି କ୍ଲବକୁ ପରାସ୍ତ କରିଛି। ସନରାଇଜ୍ କ୍ଲବ ପକ୍ଷରୁ ପ୍ରକାଶ ନାୟକ ଓ ରଜେଶ ନାୟକ ୨ଟି ଲେଖାଏ ଗୋଲ ଦେଇଥିବା ବେଳେ ତୋଫାନ ନାୟକ ଓ ଅମର ଗୋଟିଏ ଲେଖାଏ ଗୋଲ କରିଥିଲେ। ଉତରପ୍ରଦେଶ ଏମ୍‌ଏଫ୍‌ସି ଦଳ ପକ୍ଷରୁ ଏସ୍‌କେ ଫରିଦ ଏକମାତ୍ର ଗୋଲ ଦେଇଥିଲେ। ଏହି ଖେଳକୁ ଆଶୀର୍ବାଦ କାନୁନଗୋ, ଶଶୀକାନ୍ତ ଦାସିଆ, ଦେବରାଜ ସ୍ୱାଇଁ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ମାନସ ପ୍ରଧାନ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସମ୍ମାନିତ ଅତିଥି ଭାବେ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ଓ ପୂର୍ବତନ ଫୁଟବଲ ଖେଳାଳି ରଣଜିତ ଟିଗା ଯୋଗ ଦେଇଥିଲେ । କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଅଭିଜିତ ମିଶ୍ର, ସୁନୀଲ ପଣ୍ଡା, ବାବୁ ପାଢୀ, ସରୋଜ ମହାନ୍ତି, ମନୋଜ ପଟ୍ଟନାୟକ, ସୁଶାନ୍ତ ଜେନା, ସଚ୍ଚିଦାନନ୍ଦ ସାହୁ, ପ୍ରତାପ ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପ୍ରେମାନନ୍ଦ ମହାନ୍ତ ଓ ସରୋଜ କୁମାର ପାଢୀ ଧାରା ବିବରଣୀ ପ୍ରଦାନ କରିଥିଲେ।



ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲର ଗୁରୁବାର ମ୍ୟାଚରେ ଅତିଥିଙ୍କ ସହ ଖେଳାଳିମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ବୁବୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ରାଞ୍ଚିର ପୁଣ୍ଡାଗରେ ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟ ଶିଳାନ୍ୟାସ ଅବସରରେ ଗୁରୁବାର ବହିର୍ବ୍ୟାପାର ଓ ସଂସଦୀୟ ରାଷ୍ଟ୍ର ମନ୍ତ୍ରୀ ଭି. ମୁରଲିଧରନ୍ ଏକ ପାରମ୍ପରିକ ବାଦ୍ୟ ବଜାଉଛନ୍ତି।

# ଇଡି-ସିବିଆଇର ଅପବ୍ୟବହାର କରାଯାଉଛି : ଶରଦ ପାୱାର



**ନୂଆଦିଲ୍ଲୀ,୫।୧୦:** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଜ୍ୟ ସଭା ଏମ୍‌ପି ସଞ୍ଜୟ ସିଂଙ୍କୁ ଗିରଫ କରାଯିବା ପରେ ମିଳିତ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ନେତାମାନେ ଭାଜପାକୁ ଟାର୍ଗେଟ୍ କରିବା ଆରମ୍ଭ କରି ଦେଇଛନ୍ତି। ଇଡି-ସିବିଆଇ ଭଳି କେନ୍ଦ୍ରୀୟ ଅନୁସନ୍ଧାନକାରୀ ଏଜେନ୍ସିର ଅବବ୍ୟବହାର କରାଯାଉଛି ବୋଲି ସେମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ଅଭିଯୋଗ ଆଣୁଛନ୍ତି। ଏହି ପ୍ରସଙ୍ଗରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ଏକ ଦଳୀୟ କାର୍ଯ୍ୟକ୍ରମରେ ପାୱାର କହିଛନ୍ତି, ମୁଁ ଅନୁଭବ କରୁଛି ଯେ ରାଜନୀତିରେ ଯେତେବେଳେ ବିପକ୍ଷ ବିରୋଧରେ କିଛି ନ ମିଳେ, ସେତିକିବେଳେ ଇଡି ଏବଂ ସିବିଆଇ ଭଳି ଏଜେନ୍ସିର ଅପବ୍ୟବହାର କରାଯାଇଥାଏ। ଲୋକେ ଦିନେ ଏମାନଙ୍କୁ ନିଶ୍ଚିତ ଶିକ୍ଷା ଦେବେ। ସଞ୍ଜୟ ସିଂଙ୍କ ଗିରଫ ମିଳିତ 'ଇଣ୍ଡିଆ'କୁ ଆହୁରି ମଜଭୁତ କରିବ ବୋଲି ପାୱାର କହିଛନ୍ତି। ଏଏପି ଏମ୍‌ପି ସଞ୍ଜୟ ସିଂଙ୍କୁ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ମଦ ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଗିରଫ କରିଛି।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା




**ଶୃତିଶ୍ରୀ ସିହ୍ନା (ବୁବୁଲୁ)**
ବୌଦ୍ଧ, ପୋଡ଼ାପୋଡ଼ା
ତୋର ୧୫ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଅଜା, ଆଈ, ଗୁଗୁଲ୍, ଡୁଡୁଲୁ, ବନ୍ଧୁ ଓ ପରିବାର ।
ଧ-୬୭୬୬୯

# ବିଜେଡିରୁ ୨ ନିଲମ୍ବିତ

**ଭୁବନେଶ୍ୱର,୫।୧୦(ଅନିଲ ଦାସ):** ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲାର ୨ ବିଜେଡି କର୍ମକର୍ତ୍ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଅନୁଗୋଳ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାହୁ ଏବଂ ବିଜୁ ଯୁବ ଜନତା ଦଳର ଜିଲା ସମ୍ପାଦକ ଯୋଗେଶ ଭୁକ୍ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରାଯାଇଛି। ଏ ନେଇ ଗୁରୁବାର ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିବ: ଚେଲ୍ଲାକୁମାର

## ମାଲକାନଗିରିରେ କଂଗ୍ରେସର ଜାତୀୟସ୍ତରୀୟ ମହାସମାବେଶ

ମାଲକାନଗିରି,୫।୧୦(ଦୁର୍ଯ୍ୟୋଧନ ପାତ୍ର)




ମାଲକାନଗିରି ଡିଏନ୍‌କେ ଖେଳ ପଡ଼ିଆରେ ଆୟୋଜିତ ମହାସମାବେଶରେ କଂଗ୍ରେସ ନେତୃବୃନ୍ଦ।

କଂଗ୍ରେସ ଆଗାମୀ ଦିନରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସଂଖ୍ୟା ଗରିଷ୍ଠତା ହାସଲକରି ସରକାର ଗଠନ କରିବ ବୋଲି ମାଲକାନଗିରି ଜିଲା ଡିଏନ୍‌କେ ଖେଳ ପଡ଼ିଆଠାରେ ଆୟୋଜିତ ଜାତୀୟ କଂଗ୍ରେସର ମହା ସମାବେଶରେ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର କହିଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ଏହି ସମାବେଶରେ ୧୦ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ମଧ୍ୟାହ୍ନ ୧୨ ଟାରେ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପରିସରରୁ ପାରମ୍ପରିକ ନୃତ୍ୟ ଗୀତ ମାଧ୍ୟମରେ ବିଶାଳ ଶୋଭାଯାତ୍ରାରେ ଡିଏନ୍‌କେ ଖେଳପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ସମାବେଶରେ ରାଜ୍ୟ ସଭାପତି ଶରତ ପଟ୍ଟନାୟକ, ଏସ୍‌ସିଏସ୍‌ଟି ଓବିସି ସର୍ବଭାରତୀୟ କଂଗ୍ରେସ କମିଟି ସଂଯୋଜକ କେ. ରାଜୁ, ସର୍ବଭାରତୀୟ କଂଗ୍ରେସ କମିଟି ଏସ୍‌ଟି ସେଲ୍ ଅଧ୍ୟକ୍ଷ ଶିବାଜୀ ରାଓ ମୋଗେ, ରାଜେଶ ଲିଲଟିଆ, ଛତିଶଗଡ଼ କ୍ୟାବିନେଟ୍ ମନ୍ତ୍ରୀ କବାସୀ ଲାକ୍ଷ୍ମା, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ରାଜ୍ୟ ଏସ୍‌ଟି ସେଲ୍ ଅଧ୍ୟକ୍ଷ ଭୁଜବଳ ମାଝି, ରାଜ୍ୟ ଏସ୍‌ସି ସେଲ୍ ଅଧ୍ୟକ୍ଷ ବାଙ୍କନିଧି ବେହେରା, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ପ୍ରମୁଖ ଯୋଗ ନିଜ ନିଜର ବକ୍ତବ୍ୟ ରଖିଥିଲେ।

ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲା ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ପ୍ରଣୟନ କରୁଥିଲେ ସୁଦ୍ଧା ଏଥିରୁ ଆଦିବାସୀମାନେ ବଞ୍ଚିତ ହେଉଛନ୍ତି ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ତେବେ କଂଗ୍ରେସ ଆଗାମୀ ନିର୍ବାଚନରେ କିପରି ନିଜର ଦଳକୁ ସୁଦୃଢ଼ କରିବ ଏବଂ ଚଳିତ ନିର୍ବାଚନରେ କିପରି ବିଜୟ ଲାଭ କରିବ ସେ ସମ୍ବନ୍ଧରେ ନେତାମାନେ କର୍ମୀ ଓ କର୍ମକର୍ତ୍ତାଙ୍କୁ ମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିମାଇଁ ସରକାର, କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ପଦ୍ମ ପାଙ୍ଗୀ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳ, ଇସାକ ଖୋସ୍‌ଲା, ପ୍ରଭାକର ପାଳ, କୃଷ୍ଣଚନ୍ଦ୍ର ଅନୁଗୁ, ମଙ୍ଗୁ ଖିଲ, ବିନିନ୍ତ ଖିଲ, ଧନୁର୍ଜୟ ହନ୍ତାଳ, ପୁଷ୍ପାରାଣୀ ପଡିଆମି, ଛବି ଦାସ ଓ ସୁନାଧର କାକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ମଧ୍ୟ, ଏକାମ୍ର ନିର୍ବାଚନମଣ୍ଡଳୀ

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ଏକାମ୍ର ନିର୍ବାଚନମଣ୍ଡଳୀର ପଦଯାତ୍ରାରେ ମନ୍ତ୍ରୀ ଅଶୋକ ପଣ୍ଡା, ମେୟର ସୁଲୋଚନା ଦାସଙ୍କ ସମେତ ଦଳୀୟ ନେତା ଓ କର୍ମୀ




ମଧ୍ୟ ନିର୍ବାଚନମଣ୍ଡଳୀର ପଦଯାତ୍ରାରେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସମେତ ଦଳୀୟ ନେତା ଓ କର୍ମୀ

**ଭୁବନେଶ୍ୱର,୫।୧୦(ଅନିଲ ଦାସ):** ଭୁବନେଶ୍ୱର ଏକାମ୍ର ଓ ମଧ୍ୟ ନିର୍ବାଚନମଣ୍ଡଳୀରେ ଗୁରୁବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏକାମ୍ର ନିର୍ବାଚନମଣ୍ଡଳୀର ୱାର୍ଡ ନଂ. ୬୪ ଯଦୁପୁର ଟାଙ୍ଗୀ ଛକଠାରୁ ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମେୟର ସୁଲୋଚନା ଦାସ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଶେଷରେ ଏକ ସାଧାରଣ ସଭାରେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳାକୁ ଦଳର ବିଭିନ୍ନ ପଦାଧିକାରୀ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରତିବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନର ଉପାଧ୍ୟକ୍ଷ ସନ୍ତୋଷ ବେଜ୍, ସ୍ଥାନୀୟ କର୍ପୋରେଟର ସକିବା ମୁସ୍‌ରତ, କର୍ପୋରେଟର ଚନ୍ଦ୍ର ଶେଖର ମଲ୍ଲିଆ,ଶିବ ନାରାୟଣ ରାୟ,ଶିବ ପ୍ରସାଦ ବେହେରା,ଦୀପକ ମିଶ୍ର,ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଅଶ୍ୱିନୀ ସୁନ୍ଦରାୟ, ମୁଜାହିଦ୍ ହୁସେନ, ରାଜ୍ୟ ଯୁବ ସମ୍ପାଦକ ସେଖ ଅମିର ମହମ୍ମଦ, ବିଜୁ ଛାତ୍ର ଜନତା ଦଳ ଏକାମ୍ର ସଭାପତି ଶିବ ପ୍ରସାଦ ମହାପାତ୍ର, ଯୁବ ସଭାପତି ରାଜେଶ ପାତ୍ର, ୱାର୍ଡ ସଭାପତି ବର୍କତ ତୁଲ୍ଲା, ମହମ୍ମଦ କାସିମ୍, ସେକ୍ ସବିର ଅଲ୍ଲୀ, ଶୟଦ୍ ଜମସେଦ୍ ଅଲ୍ଲୀ, ଶୟଦ୍ ଜାପାନ ଅଲ୍ଲୀ,ହସିମ୍ ଖାନ୍, ଶେଖ୍ ଗୁଫ୍ରାନ, ଶେଖ୍ ଜଲାଲ, ସୁଶୀଲ ବିଶ୍ୱାଳ, ଅନୁପ କୁମାର ବେହେରା, ଶେଖ୍ ସର୍ଜାନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ 'ଜନସମ୍ପର୍କ ପଦଯାତ୍ରା' ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନେତୃତ୍ୱରେ କରାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ. ୩୬ର କର୍ପୋରେଟର ଅଲିଅଲି ମଲ୍ଲିକଙ୍କ ସଂଯୋଜନାରେ ୟୁନିଟ୍ - ୪ କର କ୍ଲିନିକଠାରୁ ପଦଯାତ୍ରା ଆରମ୍ଭ ହୋଇ ୱାର୍ଡ ପରିକ୍ରମା କରି ମଧୁସୂଦନ ପାର୍କ ନିକଟରେ ଶେଷ ହୋଇଥିଲା। ପଦଯାତ୍ରାରେ ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ବାର୍ତ୍ତା ଘରେ ଘରେ ପହଞ୍ଚାଇଥିଲେ। ୱାକଫ ବୋର୍ଡ ଅଧ୍ୟକ୍ଷ ସେକ୍ ନିଜାମୁଦ୍ଦିନ, ପୂର୍ବତନ କର୍ପୋରେଟର ପୂର୍ଣ୍ଣ ଜେନା, କ୍ରିକେଟ କୋଚ କ୍ଷୀରୋଦ ବେହେରା, ଭୁବନେଶ୍ୱର ମଧ୍ୟ ଜୀବନ ବିନ୍ଦୁ ସଂଯୋଜକ ନବ କିଶୋର ବେହେରା, ଭୁବନେଶ୍ୱର ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର, ସମାଜସେବୀ ଫିରୋଜ ଖାନ୍, କର୍ପୋରେଟର କୁମାରେନ୍ଦ୍ର ମହାପାତ୍ର, ରଞ୍ଜୁଲତା ରାୟ,କବିତା ସ୍ୱାଇଁ, ଆଶିୟା ବେଗମ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଆଶିଷ ପଟ୍ଟନାୟକ, ରାଜକିଶୋର ଦାସ, ପୁଷ୍ପାଞ୍ଜଳି ସେଠୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ ସଭାପତି ଦିଲୀପ ସେନାପତି, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ନିଗମ ନାୟକ, ଭୁବନେଶ୍ୱର ମଧ୍ୟ ଛାତ୍ର ବିଜେଡି ସଭାପତି ଶକ୍ତି ପ୍ରକାଶ ପତି, ଭୁବନେଶ୍ୱର ବିଜେଡି ଉପଦେଷ୍ଟା ଚିନ୍ମୟ ମହାପାତ୍ର, ମନୋରଞ୍ଜନ ମହାନ୍ତିଙ୍କ ସମେତ ବରିଷ୍ଠ ନାଗରିକ, ଯୁବ ଛାତ୍ର ଓ ମହିଳା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ମୋ ଦଳର ୨ଦିନିଆ ନେତୃତ୍ୱ ତାଲିମ ଶିବିର

**ଭୁବନେଶ୍ୱର,୫।୧୦(ଅନିଲ ଦାସ):** ମୋ ଦଳର ୨ ଦିନିଆ ନେତୃତ୍ୱ ତାଲିମ ଶିବିର ଗୁରୁବାର ନାଗଭୂଷଣ ଭବନରେ ଉଦ୍‌ଯାପିତ ହୋଇଯାଇଛି । ଦଳର ସଭାପତି ନିତ୍ୟସୁନ୍ଦର ଦାସ, ସଂଯୋଜକ କ୍ଷୀରୋଦ ରାଉତ ପ୍ରମୁଖ ଉଦ୍‌ଯାପନୀ ଶିବିରରେ ଯୋଗ ଦେଇଥିଲେ । ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଶିବିରାର୍ଥୀଙ୍କୁ ତାଙ୍କ ବକ୍ତବ୍ୟରେ କହିଲେ, ରାଜ୍ୟରେ ଲୋକସଂଖ୍ୟା କମୁଥିଲା ବେଳେ ରାଜ୍ୟ ବଜେଟ ବଢୁଛି । ପ୍ରତି ପରିବାରକୁ ସର୍ବନିମ୍ନ ଆର୍ଥିକ ପ୍ରୋତ୍ସାହନ ଦେଲା ପରେ ଆଉ ଛୋଟମୋଟ ଯୋଜନା ଚଳାଇବାକୁ ପଡ଼ିବ ନାହିଁ ବୋଲି ସେ କହିଥିଲେ। କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦଳକୁ ମଜଭୁତ କରିବା ଲାଗି ସମସ୍ତେ ଅକ୍ଳାନ୍ତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁବାସ ପଣ୍ଡା, ଦଳର କମିଟି ଅଧ୍ୟକ୍ଷ ଶେଷଦେବ ନନ୍ଦ, ସାଧାରଣ ସମ୍ପାଦକ ଉମାକାନ୍ତ ଭାରତ, ଯୁବଛାତ୍ର ସଂଯୋଜକ ମନର ଅଲ୍ଲୀ, ଦେବୀ ପ୍ରସାଦ ମହାରଣା ପ୍ରମୁଖ ଗାଁ ଗାଁରେ କିଭଳି ଦଳର ସଂଗଠନ ବିସ୍ତାର ହେବ ସେ ନେଇ ପ୍ରସ୍ତାବ ଦେଇଥିଲେ।

**Classified Everyday**
**0674-2580101, 2549949**



**REAL ESTATE**

**SALE**

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

ପୁରୀ ସାକ୍ଷୀଗୋପାଳରେ 34000 ବର୍ଗଫୁଟ ଫାର୍ମହାଉସ୍ 40ଟି ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକିବାକୁ ଚାହୁଁଛି। 7008833643. D-75228

**Flat for sale: 3BHK flat for sale at 1. Sahidnagar- 1.6 crore, 2. Raghunathpur(near Royal Lagoon- 85 lakhs. 9827769868, 0674351 3969.** D-71064

Commercial 3600Sqft. @5400 Pandara and 40,000sqft. @500 Balijatrapadia, 7008711445, 6372801963. D-1488

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar, NH16** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- **9658562429.** D-75224

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

**3212sqft.Gharabadi residential plot with boundary wall sale nearby "PHULNAKHARA CHHAKA". 9438279244.** D-1464

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

Duplex sale at Bhubaneswar @ 57 lakhs only. Contact: 9777433701. D-75223

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ଗଙ୍ଗପଡ଼ା **HP** ପେଟ୍ରୋଲ୍‌ପମ୍ପ ନିକଟରେ **sqft.-899/-, Adyanta College** ପାଖରେ **750/- boundary, road,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। **9861319999, 9658891108.** D-75220

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

**LEASE**

Warehouse for lease at hanspal. 9000 sqft, dock height, gated compound with all amenities. Whatsapp - 7205809501. D-1486




Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-75046

Newly open spa positively Health benefits with expert therapist. 9040286886. D-75152

Spa Kerala body Massage only best Therapist @699/- Bhubaneswar. 9337672475. D-1438

**Full body massage by expert therapist positively health benefits. 9938843929.** D-75153

Newly open Spa positively Health benefit with expert. Contact: 7749976301. D-1469

Full body Massage expert boy's Therapist home Service availble Ph- 8093303918. D-1442

**LOST**

ମୁଁ ଶ୍ରୀ ଅନାମ ଚରଣ ପରିଡ଼ା, ଗ୍ରାମ: ବିଲିପଡ଼ା, ପୋ: ବିନାୟକପୁର, ଥାନା: ପିପିଲି, ଜିଲ୍ଲା: ପୁରୀ ଏତଦ୍ୱାରା ଜଣାଉଅଛି ଯେ ଆମ୍ଭର ବାପା ଭାଗ। ପରିଡ଼ା ପିପିଲି ତହସିଲଦାରଙ୍କ ନିକଟରେ ଦାଖଲ ଖାରଜ ପାଇଁ ଏକ ପଟ୍ଟା କରିଥିଲେ। ଯାହାର ଖାତା ନଂ.- 619/179 ଏବଂ ପ୍ଲଟ୍ ନଂ.- 936, ମୌଜା ବିଲିପଡ଼ା ଅଟେ। ଗତ ତା ୩୦।୦୯।୨୩ରିଖରେ ଗୁଡ଼ିଆ।ପୋ।ଖର୧୦।ରେ ଉପରୋକ୍ତ ପଟ୍ଟାଟି କେଉଁଠାରେ ହଜିଯାଇଛି। କେଉଁ ସହୃଦୟ ବ୍ୟକ୍ତି ପାଇଥାନ୍ତି ମୋର 9337615128ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୪୮୧

My ICSE Marksheet of 10th of year 1997 with index no T/298/026 is damaged by white ants (Santosh Kumar Das, S/o Bhaskar Chandra Das. PO/ Dist.- Rayagada. D-1490

**AFFIDAVIT**

(I, Sarita Samantaray, W/o. Soumya Ranjan Panda, Plot No.89/20A, At: Bank Colony, Near Jagannath Ashram, Tankapani Road, PS: Badagada, Bhubaneswar-751018, Odisha declare that, by this affidavit vide no. 58AA 119381 Dtd. 12.07.2022, that now onwards, I shall be known as SARITA SAMANTARAY for all future purpose.). D-1489

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଇଂ. ଚିତ୍ତରଞ୍ଜନ ମହାଖୁଡ଼ (ଗୁନା)**
ମ୍ୟୁନିସିପାଲିଟି ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୩୦।୦୬।୧୯୮୨
ତିରୋଧାନ: ୧୨।୦୯।୨୦୦୯
ଗୁନା,
ତୋର ପବିତ୍ର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୪୦୯୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସାଗରିକା ମହଲା**
ସ୍ଥାନ: କାଏମା, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୨୧।୦୮।୧୯୬୮
ତିରୋଧାନ: ୨୬।୦୯।୨୦୨୩
ତୁମର ହସ ହସ ମୁହଁ, ନିଃସ୍ୱାର୍ଥପର ସେବା, ପରୋପକାର, ସରଳତା, ଅନାବିଳ ସ୍ନେହ, ଈଶ୍ୱର ଭକ୍ତି ସଦା ସର୍ବଦା ଆମ ଜୀବନର ପାଥେୟ ହେଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶ୍ରଦ୍ଧାଞ୍ଜଳି:** ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୪୯୫

**ଏକାଦଶ ଶ୍ରାଦ୍ଧବାର୍ଷିକୀ**
ତା.୦୬.୧୦.୨୦୨୩



**ସମରେନ୍ଦ୍ର କୁମାର ଦାସ**
ଆବିର୍ଭାବ: ତା. ୩.୧୨.୧୯୬୧
ତିରୋଧାନ : ତା.୮.୧୦.୨୦୧୨
ଆପଣଙ୍କ ଆଦର୍ଶ, ସ୍ୱାଭିମାନ, ତ୍ୟାଗ, ସ୍ନେହ, କର୍ତ୍ତବ୍ୟନିଷ୍ଠା ଓ ଉତ୍ସର୍ଗୀକୃତ ଜୀବନ ଆମ୍ଭମାନଙ୍କୁ ଦିଗ୍‌ଦର୍ଶନ ଦେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
**ଶୋକସନ୍ତପ୍ତ-**
ପତ୍ନୀ-ସ୍ନେହଲତା, ଝିଅ-ପୂଜା, ଭାଇ-ଭଉଣୀ, ଭାଇ- ଭାଉଜ, ଭାଇବୋହୂ, ଶାଳୀ, ଶଳା-ଶଳାଭାଉଜ, ଶଶୁ, ଦେଢ଼ଶାଶୁ, ପୁତୁରା, ଝିଆରୀ, ଭଉଣୀ- ଭିଣୋଇ, ଭଣଜା, ଭାଣିଜୀ ।
ଧ-୧୪୯୪

